ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ

ବନାମ

ରାମ ଖେଲାୱାନ ଏବଂ ଅନ୍ୟମାନେ

ଅଗଷ୍ଟ 17, 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ:*

*ଅନୁଚ୍ଛେଦ 226- ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ରିଟ ଆବେଦନ- ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଶ୍ୱସ୍ତି ପ୍ରଦାନ - କୁହାଗଲା, ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗର ପୂର୍ବଧାରଣା କରିଥିଲେ- ଯେହେତୁ ଏହି ପ୍ରସଙ୍ଗ ବିଚାରଧୀନ ଅଛି, ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାରେ ନ୍ୟାୟସଙ୍ଗତ ନୁହଁନ୍ତି ।*

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ବିରୋଧରେ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ କରିଥିଲେ ।

ଆବେଦନକୁ ମଞ୍ଜୁରୀ ଦେଇ ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଖାରଜ କରି, ଏହି ନ୍ୟାୟାଳୟ

କହିଲେ : ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀମାନଙ୍କୁ ନିୟମିତ କର୍ମଚାରୀ ପରି ଦରମା ଦେବାକୁ ନିର୍ଦ୍ଦେଶ ଦେଇ ଏହି ପ୍ରସଙ୍ଗର ପୂର୍ବଧାରଣା କରିଥିଲେ । ଯେହେତୁ ଏହି ପ୍ରସଙ୍ଗର ବିଚାର ବିଚାରାଧୀନ ରହିଛି, ତେଣୁ ଉଚ୍ଚ ନ୍ୟାୟାଳୟ ଏପରି ନିର୍ଦ୍ଦେଶ  ଦେବା ଯଥାର୍ଥ ନୁହେଁ ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  7873/1995

ଡବ୍ଲ୍ୟୁ. ପି. ସଂଖ୍ୟା  ନୀଲ /1993 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା 25.2.93 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ  ଆର୍. ବି. ମିଶ୍ର ।

ପ୍ରତିବାଦୀଙ୍କ ପକ୍ଷରୁ  ସୁଶ୍ରୀ ଆଭା ଆର. ଶର୍ମା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଉଭୟ ପକ୍ଷଙ୍କ ଓକିଲଙ୍କୁ  ଶୁଣିଲୁ । ପ୍ରତିବାଦୀଙ୍କୁ ଜଣେ ନିୟମିତ କର୍ମଚାରୀ ଭଳି ଦରମା ଦେବାକୁ ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗର ପୂର୍ବ-ଧାରଣା କରିଥିଲେ । ଯେହେତୁ ଏହି ପ୍ରସଙ୍ଗ ବିଚାରାର୍ଥେ ବିଚାରାଧୀନ ରହିଛି, ତେଣୁ ଉଚ୍ଚ ନ୍ୟାୟାଳୟ ଏପରି ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ ।

ତଦନୁସାରେ, ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି । ଯେହେତୁ ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅଛି, ଆମ୍ଭେ ଏହାଙ୍କୁ ଅନୁରୋଧ କରୁଛୁ ଯେ ରିଟ୍ ଆବେଦନକୁ ପ୍ରାଥମିକତା ଦେଇ ଯଥା ସମ୍ଭବ ଛଅ ମାସ ମଧ୍ୟରେ ଏହାର ତ୍ୱରିତ ଫଏସଲା କରନ୍ତୁ ।

ତଦନୁସାରେ ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**